# ଶିଶୁଚାଲାଣମୁକ୍ତ ଭାରତ ଗଠନ ନିମନ୍ତେ ଆଲୋଚନାଚକ୍ର

ଭୁବନେଶ୍ୱର ୫/୨/୨୦୨୦: ରାଜ୍ୟର ଅଗ୍ରଣୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ପିକକ୍ ପକ୍ଷରୁ କୈଳାଶ ସତ୍ୟର୍ଥୀ ଚିଲଡ୍ରେନ ଫାଉଣ୍ଡେସନ ର ସହଯୋଗ ରେ ଶିଶୁଚାଲାଣମୁକ୍ତ ଭାରତ ଗଠନ ନିମନ୍ତେ ଜିଲ୍ଲା ସ୍ତରୀୟ ଆଲୋଚନାଚକ୍ର ଆୟୋଜନ କରାଯାଇଛି । ପିକକ୍ ର ନିର୍ଦ୍ଦେଶିକା ଡ. ମିନାକ୍ଷୀ ପଣ୍ଡା ଅଧ୍ୟକ୍ଷତା କରି ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଶିଶୁଚାଲାଣ ପରି ଏକ ଘୃଣ୍ୟ ଅପରାଧକୁ ରୋକିବା, ଏଥିଲାଗି ଜନସଚେତନତା ସୃଷ୍ଟିକରିବା ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ବାଲିଅନ୍ତା ର ବିଧାୟକ ଶ୍ରୀଯୁକ୍ତ ଅରବିନ୍ଦ ଢାଲୀ ଉଦଘାଟନ କରି କହିଥିଲେ ଯେ ସମାଜରେ କୌଣସି ପରିବର୍ତ୍ତନ ଆଣିବାକୁ ହେଲେ ଏଥିରେ ସବୁ ବର୍ଗର ଲୋକଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ । ସେ କହିଥିଲେ ଯେ ଶିକ୍ଷା ର ଅଭାବ, ଦାରିଦ୍ର୍ୟ, ନିଶା ବ୍ୟବହାର ଆଦି ମଣିଷକୁ ଶିଶୁଚାଲାଣ ପରି ଘୃଣ୍ୟକାମ କରିବାକୁ ପ୍ରବାର୍ତ୍ତାଇଥାଏ। ଏହାକୁ ରୋକିବା ପାଇଁ ସମସ୍ତେ ସବୁ ସ୍ତରରେ କାର୍ଯ୍ୟ କରିବା ଉଚିତ୍ । ଭୁବନେଶ୍ୱର ର ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଏଥିରେ ଯୋଗଦେଇ କହିଥିଲେ ଯେ ଶିଶୁଚାଲାଣ କୁ ରୋକିବାକୁ ହେଲେ ଆମ ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପଡିବ ଓ ଆମକୁ ସମସ୍ତଙ୍କୁ ସଚେତନ ମଧ୍ୟ କରିବାକୁ । ସେ ସରକାରଙ୍କର ଯୋଜନା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ର ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ଭୁବନେଶ୍ୱର ବ୍ଲକ ର ଶିକ୍ଷା ଅଧିକାରୀ ସସ୍ମିତା ମାଳୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସ୍ନେହଲତା ନାୟକ, ଖୋର୍ଦ୍ଧା ଜିଲ୍ଲାର ଶିଶୁ ମଙ୍ଗଳ ସମିତି ର ବିଶେଷ ସଦସ୍ୟ ଡ. ଟୁନା ସାହୁ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ସବୁ ସ୍ତରରେ ସଚେତନତ , ଶିକ୍ଷା, ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା, ଏନଜିଓ ଓ ଜନସାଧାରଣ ର ସହଯୋଗରେ ହି ଶିଶୁ ଚାଲାଣ କୁ ରୋକିବା ସମ୍ଭବ ହେବ ବୋଲି ସେମାନେ ମତ ବ୍ୟକ୍ତ କରିଥିଲେ । ସର୍ବଶେଷରେ ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ ଯେ ଶିଶୁ ଚାଲାଣ ପରି ବିପଦ କୁ ରୋକିବା ପାଇଁ ଆମେ ସମସ୍ତେ ଏକଜୁଟ ହୋଇ କାମକରିବା ଓ ଏଥି ପାଇଁ ଥିବା ଆଇନ କୁ ମଧ୍ୟ ଦୃଢ କରିବା ଉଚିତ୍ ଏହି କାର୍ଯ୍ୟକ୍ରମ ରେ ଆଶା, ଅଙ୍ଗନବାଡି କର୍ମୀ, ମହିଳା ପଞ୍ଚାୟତ ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ର ପ୍ରତିନିଧି ମାନେ ଯୋଗଦେଇ ଏହାର ନିରାକରଣ ନିମନ୍ତେ ନିଜସ୍ୱ ମତ ଉପସ୍ଥାପନା କରିଥିଲେ ।